# ବାନ୍ଦନା ପର୍ବର ମହାନତା



**ଅଧ୍ୟାପକ ଡକ୍ଟର ଭାଗବତ ଲେଙ୍କା**

ସଂସ୍କୃତି ଗୋଟିଏ ଜାତିର ପ୍ରାଣକର୍ତ୍ତା । ସେ ସମସ୍ତଙ୍କୁ ଏକତା ମନ୍ତ୍ରରେ ବାନ୍ଧି ରଖେ । ସେ ଜାତିର ସମୃଦ୍ଧି ଓ ସ୍ୱାଭିମାନକୁ କେବଳ ସଂସ୍କୃତି ବଞ୍ଚାଇ ରଖିଥାଏ । ସେହି ନ୍ୟାୟରେ କୁଡୁମି ସଂସ୍କୃତିର ମହାନତା ବେଶ୍ ଗ୍ରହଣଯୋଗ୍ୟ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବହୁ ବିଧି କର୍ମରେ କୁଡୁମି ନିଜର ସତନ୍ତ୍ର ପରିଚୟ ରକ୍ଷା କରିଛି । ଭାରତର ବିବିଧ ସଂସ୍କୃତିକ ଐତିହ୍ୟରେ କୁଡୁମି ସଂସ୍କୃତି ବହୁ ପ୍ରଭାବ ବିସ୍ତାର କରିଥିବା ବେଳେ , ଅନେକ ସ୍ଥାନରେ ଆଦିବାସୀ ସଂସ୍କୃତିର ପ୍ରଭାବରେ କୁଡୁମିର ଜୀବନ ଧାରା ତଫାତ ହୋଇପାରିନି । ସାରା ଭାରତ ବର୍ଷରେ ଏ ଜାତିର ମହାନତା ସ୍ୱାଗତଯୋଗ୍ୟ । କୁର୍ମ ଶବ୍ଦ ହେଉଛି ଖୁବ ପ୍ରାଚୀନ ଶବ୍ଦ । ବେଦ, ଉପନିଶଦ ଯୁଗରୁ ଏ ଜାତିର ସଂାସ୍କୃତିକ ବିକାଶ ଘଟିଛି । କୁର୍ମ ଶବ୍ଦର ଅର୍ଥ କୁର୍ମ ଷ୍ଟ ଇ ଷ୍ଟକୁର୍ମୀ (କୁର୍ମ କର୍ଷଣ ଅର୍ଥେ) ବୁଝାଯାଏ । ଅନ୍ୟ ଅର୍ଥରେ କୁହାଗଲେ ´ କୁରମତିଇତି କୁର୍ମୀ ଅର୍ଥାତ ଯିଏ ପୃଥିବୀକୁ ରମଣ (କର୍ଷଣ) ଜୀବନ ଧାରଣ ପାଇଁ କରେ ।ୁକୂଦ ଶବ୍ଦର ଅର୍ଥ ପୃଥିବୀ ।ୁରମଦ ଶବ୍ଦର ଅର୍ଥ କର୍ଶଣ ବା ଶାସନ । ତେଣୁ ଶୁକବେଦରେ କୁର୍ମୀ ଅର୍ଥ ଶୌର୍ଯ୍ୟ ବା ପରାକ୍ରମୀ । ତେଣୁ ସାହସ ଓ ତେଜସ୍ୱୀ ଗୁଣ ଥିବା କୁଡୁମି ସଂସ୍କୃତିରେ ବହୁ ପର୍ବପର୍ବାଣୀ ଯୋଡି ହୋଇ ରହିଛି । କୁଡୁମିର ମୁଖ୍ୟ କାର୍ଯ୍ୟ ହେଲା ସଫଳ କୃଷି, କୃଷି କୁ କେନ୍ଦ୍ର କରି ତାର ସଂସ୍କୃତି ଓ ଇତିହାସ ଗତିବାନ । ତେଣୁ ତା ସଂସ୍କୃତି ଧାରାରେ ଧର୍ମ ବିଶ୍ୱାସ ହେଉଛି ମୁଖ୍ୟ ବିଭବ । ମକର ଓ ଟୁସୁ ପାଳନ ସମୟରେ ପ୍ରତ୍ୟେକ କୁଡୁମି ସାମାଜିକ ଚଳଣୀ ଓ କୃଷି କାର୍ଯ୍ୟ ଆରମ୍ଭର ଆଖାନ, ହାଲପୁନା ଓ ଆଖାନଦାଗ ଆଦି କାର୍ଯ୍ୟ କରିଥାଏ । ଚୈତ୍ର ପର୍ବରେ ଧାନ ମୁଠି, ରୋହିନ, ତେଲସିନ୍ଦୁର କରିଥବବାବେଳେ ରଜପରବରେ ମଧ୍ୟ ସଂସ୍କୃତିକୁ ମାନ୍ୟତା ଦେଇ କୃଷିକାର୍ଯ୍ୟରେ ନିଜକୁ ଲିପ୍ତ କରିଥାଏ । କରମା ପର୍ବ ପାଳନ ପରେ କୁଡୁମିର ମହାନ ସଂସ୍କୃତିକ ପର୍ବ ବାନ୍ଦନା ବା ବନ୍ଦଣା ପର୍ବ ମାନିଥାଏ ଏ ପର୍ବ ହେଉଛି ସବୁଠାରୁ ଆକର୍ଷଣ ଓ ଜନାଦୃତ ପର୍ବ ।

କରମ୍ଦ ପୂଜା ଯେପରି କୁଡମି ମାନଙ୍କର ପ୍ରାଚୀନ ପୂଜା ଠିକ୍ ସେହିପରି ୁବାନ୍ଦନାଦ ପର୍ବ ହେଉଛି କୁ ଡୁମି ସଂସ୍କୃତିର ପ୍ରାଚୀନ ପୂଜା ପରମ୍ପରା । ଏ ପର୍ବ ବି ମଧ୍ୟ କୃଷି ଭିତ୍ତିକ ପର୍ବ । ଭାରତୀୟ ସଂସ୍କୃତିରେ ଗୁରୁ ଓ ଗୋରୁ ପୂଜା ହେଉଚି ମହାନ ଆଚରଣର ପୂଜାବିଧି । ଏ ଦୁଇଟି ଧାରାକୁ ପ୍ରତ୍ୟକ କୁଡୁମି ଜୀବନର ମନ୍ତ୍ର ରୂପେ ମାନିଥାନ୍ତି । ବାନ୍ଦନାଦ ପର୍ବ ହେଉଛି ଗୋ ମାତାଙ୍କୁ ପୂଜା କରି ଘର ଓ ସମାଜର କଲ୍ୟାଣ ସାଧନ କରିବା ।ତେଣୁ ଏହି ପର୍ବ ବି ତିନି ଦିନ ଧରି ଖୁବ୍ ନିଷ୍ଠା ଓ ଆଦର ସହକାରେ ପାଳନ କରାଯାଇଥାଏ।ୁବାନ୍ଦନାଦର ଅନ୍ୟ ଅର୍ଥ ହେଉଛି ବନ୍ଦଣା ବା ବନ୍ଦନା କରିବା । ଏହାକୁ ଗୋବର୍ଦ୍ଧନ ପୂଜା ବୋଲି ଅନେକ କହିଥାଆନ୍ତି । ଏହା କୁଡମି ମାନଙ୍କର ସର୍ବପ୍ରିୟ ଓ ସର୍ବଶ୍ରେଷ୍ଠ ସଂାସ୍କୃତିକ ପର୍ବ । କାର୍ତ୍ତିକ ଅମାବାସ୍ୟାରେ ସାରା ଦେଶରେ ହିନ୍ଦୁ ଲୋକମାନେ ଦୀପାବଳୀ ବା ଦିୱାଲୀ ପାଳନ କରୁଥିବା ବେଳେ କୁଡୁମିର ଏହି ୁବାନ୍ଦନାଦ ପର୍ବ ହେଉଛି ଗୋ ସମ୍ପଦ କୁ ପୂଜା କରିବା ଓ ଏବର୍ଷର ଚାଷକୁ ଠିକ୍ ରୂପରେ ବେଉଷଣ କରିବାର ମାନସିକତା ରଖିବା । ଏହି ପର୍ବ ଆସିବା ଆଗରୁ ଘର, ବାହାର ସବୁ ସଫା ସୁତୁରା ସାଙ୍ଗକୁ ନୂଆ ଲୁଗା କିଣାଯିବା ଓ କିପରି ଗୋମାତାକୁ ପୂଜା କରାଯିବ ତା ପାଇଁ ପ୍ରତ୍ୟେକ କୁଡୁମି ଚଳଚଞ୍ଚଳ ହୋଇଉଠନ୍ତି । ଗାଈ ବଳଦଙ୍କୁ ଗୋଶାଳା ବା ଗୁହାଳରେ ପୂଜା କରାଯାଇ ରାତିସାରା ଉଜାଗର ରହି ଦୀପ ଜଳାଇ

ବିଧି ପାଇଁ ବହୁ ସାମାଜିକ ଧାର୍ମିକ ଓ ଅର୍ଥନୈତିକ କାରଣ ମାନ ରହିଛି । ଏହି ବାନ୍ଦନାଦ ପର୍ବ ତିନିଦିନରେ ଭିନ୍ନ ଭିନ୍ନ ବିଧିରେ ପାଳନ ହୁଏ । ପ୍ରଥମ ଦିନ ଆରମ୍ଭ ହୁଏ ଗୋଠାଣ ପୂଜା, ଏହା ପ୍ରତ୍ୟେକ ଗାଁର ଶେଷ ମୁଣ୍ଡରେ ହୁ ଏ । ସେଠାରେ ଭଲ ଭାବରେ ଲିପାପୋଛା କରାଯାଇ ଗାଁ ର ମାହାନ୍ତ ଧୂପ, ଦୀପ, ସିନ୍ଦୁର ଅରୁଆ ଚାଉଳ ଓ ଅଣ୍ଡା ସ୍ଥାପନ କରି ଗାଁର ଗୋ ସମ୍ପଦର ବୃଦ୍ଧି ଓ ଚାଷର ଉନ୍ନତି ପାଇଁ ପୂଜା କରନ୍ତି । ସେଠାରେ ମଧ୍ୟ ବିଭିନ୍ନ ରଙ୍ଗର କୁକୁଡାକୁ ବଳି ପକାଯାଇଥାଏ ପରେ ପରେ ଅଣ୍ଡା ସ୍ଥାପନ କରାଯାଇଥିବା ସ୍ଥାନରେ ପ୍ରତ୍ୟେକ ଘରୁ ଆସିଥିବା ଗୋରୁଙ୍କୁ ଛାଡିଦିଆଯାଏ । ଏହାକୁ ଗୋରୁ ଭିଲ୍‌କା କୁହାଯାଏ । ଯାହାର ଗୋରୁ ସ୍ଥାପିତ ଶୁଭ ଅଣ୍ଡାକୁ ମାଡିଥାଏ ତାଙ୍କ ଘରେ ପ୍ରଥମେ ଧିଙ୍ଗୁଓ୍ୱାନି ଆରମ୍ଭ ହୁଏ । ଗୋଠପୂଜା ଶେଷ କରି ଅଣ୍ଡା ଭାଙ୍ଗିଥିବା ମାଲିକଙ୍କୁ କାନ୍ଧରେ ବସାଇ ଢ଼ୋଲ, ମାଦଳ ଓ ନାଗରା ବଜାଇ ବଜାଇ ଶୋଭାଯାତ୍ରାରେ ଗାଁ ମୁଣ୍ଡରୁ ତାଙ୍କ ଘରକୁ ଅଣାଯାଏ । ଏହା ପର୍ବର ପ୍ରଥମ ଧିଙ୍ଗୁଓ୍ୱାନି ନୃତ୍ୟ । ଯାହାଘରର ଗୋରୁ ଅଣ୍ଡା ମାଡିଲା ସେ ସୌଭାଗ୍ୟବାନ ବୋଲି ବିଚାର କରାଯାଏ । ନାଚଗୀତରେ କମ୍ପି ଉଠେ ଗୋରୁ ମାଲିକର ଘର, ଏବର୍ଷ ପାଇଁ ତାର ସର୍ବମଙ୍ଗଳ ହେବ ବୋଲି ତା ଗୋ ଦେବତା ପ୍ରମାଣ କରିଦେଲା ବୋଲି ସେ ବିଚାର କରେ । ସେଥିପାଇଁ ସେ ସମସ୍ତଙ୍କୁ ସାଂସ, ପିଠା ଓ ହାଣ୍ଡିଆ ଖାଇବାକୁ ଦେଇଥାଏ । ଏହି ସମୟରେ ଆଶିର୍ବାଦ ସୂଚକ ଏକ ଗୀତ ଶୁଣିବାକୁ ମିଳିଥାଏ ।

''ଜାଗୁ ମାଁ ଲଛମନୀ ଜାଗୁ ମାଁ ଭଗବତୀ
ଜାଗଓ୍ୱେ ଗହାଲେକ୍ ଗାୟରୋ
ଜାଗିକେ ପ୍ରତିଫଳ ଦିଅବେ ଲଛମନୀ
ଏକଲାୟ ବାଢ଼୍‌ବେ ସୀଙ୍ଗା ଲାଖ୍‌ରେ । ''

ଏହାର ଅର୍ଥ ହେଉଛି (ତୁମ ଘରେ ମା ଲକ୍ଷ୍ମୀଙ୍କର ଉଦୟ ହେଉ ଗୋରୁ ଗୁହାଳରେ ଏକରୁ ବଢ଼ି ବଢ଼ି ଲକ୍ଷେ ଗାଇ ବଳଦ ହୁଅନ୍ତୁ) ଏହାଛଡା ଗୋରୁ ଭିଲକା ପରେ କାଞ୍ଚିଦୁଆରି ପାଳନ କରାଯାଏ । ସେତେବେଳକୁ ପ୍ରତ୍ୟେକ କୁଡୁମିର ଘରେ ଓ ବାହାରେ ଜାଗର ଜଳା ସରିଥାଏ । ରାତିସାରା ଜାଗର ଜଳାଇବାର ଏକ ଧାର୍ମିକ ଲୋକ ପରମ୍ପରା ପ୍ରତ୍ୟେକ ଅଞ୍ଚଳରେ ପ୍ରଚଳିତ ଅଛି ।

ରାତିସାରା ବନ୍ଦାଣ ଗୀତ ଓ ଗୋସେବାର ମହାତ୍ମ୍ୟ ଉପରେ ଗ୍ରାମ୍ୟରେ ଧିଙ୍ଗଓ୍ୱାନୀ ଚାଲେ । ନାଚ,ଗୀତ,ଖିଆ ପିଆରେ ପ୍ରତ୍ୟେ କୁଡୁମି ନିଜକୁ ହଜାଇ ଦିଅନ୍ତି । ସେହିପରି ବାନ୍ଦନା ପର୍ବର ଦ୍ୱିତୀୟ ଦିନରେ ମାଛିଖେଦା କାର୍ଯ୍ୟ ଆରମ୍ଭ ହୁଏ ,ଏହା ଏକ ଧିଙ୍ଗଓ୍ୱାନୀ । ଏଥିରେ ଛୋଟ ବଡ ସମସ୍ତେ ସାମିଲ ହୋଇଥାଆନ୍ତି । ହାତରେ କେନ୍ଦୁ ବା ଭାଲିଆ ଗଛର ଡାଳ ଧରି ସମସ୍ତେ ମାଛିକୁ ଖେଦିଥାଆନ୍ତି । ତୃତୀୟ ଦିନରେ ବୁଢ଼ିବନ୍ଦଣା ପର୍ବ ଆରମ୍ଭ ହୁଏ । ଏହା ବନ୍ଦନା ପର୍ବର ଶେଷ ଦିନ । ଗାଇ ବଳଦର ବନ୍ଦାପନା ପାଇଁ ଘରର ଗୃହିଣୀ ଉପବାସ ରହି ଏହି କାର୍ଯ୍ୟ ସମ୍ପାଦନ କରିଥାଏ । ନୂଆ ଲୁଗା ପିନ୍ଧି ସେହି ଗୋମାତାର ସେବା ଓ ପୂଜାର୍ଚ୍ଚନା କରେ ଓ ଗୋତ୍ର ଅନୁସାରେ ବିଭିନ୍ନ ଝୋଟି ଚିତା ମଧ୍ୟ ଦେଇଥାଏ ।

ଏହି ପର୍ବ କୁଡୁମି ଜାତି ର ଗୋସେବା ପ୍ରତି ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତି ଭାବର ନିଦର୍ଶନ ଅଟେ । କୁଡମି ଜାତି ଜାଣିଛି ଗୋସେବା ପ୍ରତି ଅଖଣ୍ଡ ବିଶ୍ୱାସ ରଖିଲେ ସର୍ବ ମଙ୍ଗଳ ସାଧିତ ହୋଇଥାଏ । ତେଣୁ ଧନୀ, ଗରିବ ଭେଦଭାବ ନରଖି ସମସ୍ତ କୁଡୁମି ଖୁବ୍ ନିଷ୍ଠାର ସହିତ ଏହି ପର୍ବ ପାଳନ କରିଥାଏ । ମନ ଓ ଶରୀରକୁ ନିରୋଗ କରିବା ପାଇଁ କୁଡୁମି ବାନ୍ଦନା ପର୍ବରେ ନିଜକୁ ହଜାଇ ଦିଏ । ନାଚ ଗୀତ ଗାଇ ଗାଇ ରୋଗ ଶୋକ ଭୁଲିଯାଏ, ପୁଣି ଗୋଟିଏ ବର୍ଷକୁ ଅପେକ୍ଷା କରି ଶୁଭ ଧାନ କଟା ଅନୁକୂଳ କରେ ଏହି ସମୟରେ । କୃଷିକାର୍ଯ୍ୟ ଓ ଗୋସମ୍ପଦକୁ ଆପଣାର କରିଥିବା ଜାତି କୁଡୁମି । ସେଥିପାଇଁ ସଂସ୍କୃତି ବିଳାସୀ ଓ ସଂଘବଦ୍ଧ ହୋଇ ବହୁ ଆଦିମ କାଳରୁ ଚଳି ଆସୁଛନ୍ତି । ଆଜି

ବି ଯିଏ ଯେତେ ଶିକ୍ଷିତ ଉଚ୍ଚ ପଦବୀରେ ଥିଲେ ମଧ୍ୟ ବାନ୍ଦନା ପର୍ବ ପାଇଁ ସମସ୍ତେ ଫେରିଥାଆନ୍ତି ଗାଁକୁ । ବାସ୍ତବିକ ଗାଁରେ ଲୁଚି ରହିଛି ଭାରତୀୟ ସଂସ୍କୃତିର କିର୍ତ୍ତୀଶାଳୀ ଝଲକ । ସେଥିରୁ କୁଡୁମି ଜାତି କେବେ ବି ବାଦପଡିନି । ଭାରତୀୟସଂସ୍କୃତିରେ ସବୁଠାରେ ଗୋସେବା ଓ ଚାଷ କାର୍ଯ୍ୟ କୁ ଭଲ ପାଉଥିବା ଜାତି ହେଉଛି କୁଡୁମି ଜାତି । ଯିଏ କର୍ମଠ ଓ ସଦାସର୍ବଦା କୃଷିକୁ ଭିତ୍ତି କରି ନିଜେ ଜୀବନ ପରିବର୍ତ୍ତନ ଆଶାକରେ । ବନ୍ଦନା ପର୍ବରେ ଏତେ ନିଷ୍ଠା ଓ ଆଗ୍ରହରେ କୁଡୁମି ଗୋ ସେବା କରେ ତାହା ଅନନ୍ୟ ଓ ନିଆରା ତାର ବିଶ୍ୱାସ ଅଛି, ଅମାବାସ୍ୟା ରାତ୍ରିରେ ହରଗୌରୀ ପ୍ରତ୍ୟେକ ଗୁହାଳକୁ ବୁଲି ବୁଲି ଦେଖନ୍ତି । ଯେଉଁ କୁଡୁମି ଗୋମାତାକୁ ଠିକ ଭାବରେ ଖାଇବାକୁ ଦେବା ଶିଙ୍ଗରେ ତେଲଦେବା କଞ୍ଚାଘାସ, ଫୁଲମାଳ ଓ ମୁଣ୍ଡରେ ଧାନକେରାର ମୁକୁଟ ପିନ୍ଧାଇ ସେବାକାର୍ଯ୍ୟ କରିଥାଏ, ତାର ଅଶେଷ କଲ୍ୟାଣ ହୁଏ । ତେଣୁ ଅମାବାସ୍ୟାରାତିରେ ମହାଦେବ ଶିବ ଦେଖୁ ଥିବା କଥାକୁ ବେଶ ସୁନ୍ଦର ଭାବରେ କୁହାଯାଇଛି ।

"ଆଙ୍ଗନା ଦେଖାଓ୍ୱେ ସୁଖାଲ୍ ଟାଟାଲ୍ ଗୋ
ଗଙ୍ଗା ଗହାଲ ଦେଖେ ଘାଁସ୍‌ରେ
ତେଲ ସିନ୍ଦୁର ସିଙ୍ଗେ ମାଥା ତେ ମଳୋର୍ ଗୋ
ଝଲମଲ ଝଲୟେ ଜାଗର୍ ରେ ।
ଶୁନେ ଯେ ଶୁନେ ବରଦା ହାମର ବଚନ ଗୋ
ଶୁନିଲେହୁ କାନ ତ ଲାଗାୟ୍ ରେ
ମାନବ ଲୋକେ ବରଦା ବଳି ସୁଖେ ରାଖଲଁ
ତେହୁଁ ତ ଦିଅବେ ଅନ୍ନ-ଜଲରେ ।"

ବାସ୍ତବିକ ବାନ୍ଦନା ପର୍ବ ସମସ୍ତଙ୍କୁ ବନ୍ଦନା ବା ପୂଜା ଆରାଧନା କରିବାର ଏକ ବିଧି ବ୍ୟବସ୍ଥା । ଏଥିରେ ଗୁରୁଜନ, ଲଘୁଜନ, ପ୍ରକୃତି ପଶୁ ବନ୍ଧୁ ବାନ୍ଧବଙ୍କୁ ମଧ୍ୟ ବନ୍ଦନା କରାଯାଇଥାଏ । ବନ୍ଦନା ପର୍ବରେ କୁଡୁମି ଜାତିର ଐତିହ ଓ ସଂସ୍କୃତି ବନ୍ତ ଜୀବନ ଧାରାର ନିଛକ ଜୀବନାର୍ଦ୍ଦର୍ଶ ପ୍ରତିଫଳିତ ହୋଇଥାଏ । କେବଳ ଏହି ପର୍ବଟି ସଂପୂର୍ଣ୍ଣ ... ଚୟ

## In Memory
## of our Beloved Grand Mother



**Late Kausolya Mohanta**
**Left for her heavenly abode on**
**Date : 14.06.1998**

Her sweet memories blessing will continue to be the ceaseless source of inspiration for our entire family

**Fondly remembered by**

- T.N. Shankar - Grand-Son
- Swarnalata Mohanta - Grand-daughter-in-law
- J.N. Shankar - Grand-Son
- Litesh Shankar - Great Grand-Son
- Shankarsan Mohanta - Son
- Rukmani Mohanta - Daughter-in-law